# Akashvani, Sambalpur

## SAMBALPURI NEWS BULLETIN

### 19 July 2024- 6.47- 6.52 am.

*********************************************

ନୀଳାଦ୍ରୀ ବିଜେ ଆର୍‌ଏନ୍‌ୟୁ / ସମ୍ବଲପୁର

ଶ୍ରୀକ୍ଷେତ୍ର ପୁରୀ ନ ରଥାରୁଢ଼ ଚତୁର୍ଦ୍ଧାମୂର୍ତ୍ତିଙ୍କର୍ ଆଏଜ୍ ନୀଳାଦ୍ରୀ ବିଜେ ହେବା । ମାହାପୁରୁମାନେ ଗୋଟିପହଣ୍ଡିଥି ଯାଇକରି ଶ୍ରୀମନ୍ଦିର ରତ୍ନବେଦୀଥି ବିଜେ କର୍‌ବେ । ଶ୍ରୀମନ୍ଦିର୍ ପ୍ରଶାସନ୍ ତର୍‌ଫୁ ଧାରିଜ୍ ହେଇଥିବା ନୀତି ନିର୍ଘଂଟ୍ ଅନ୍‌ସାରେ ଉପର୍‌ବେଲା ସାଢ଼େ ୩ ବଜେତକ୍ ରଥ ନ ଚାରମାଳ ବନ୍ଧା ହେଇକରି ସିଂହାସନ ମାଜଣା ହେବା । ୩ ବାଜିକରି ୫୦ ମିନିଟ୍‌ଥି ପୁଷ୍ପାଞ୍ଜଳି ଅର୍ପଣ ହେଇକରି ବିଜେ କାହାଳୀ ବାଜ୍‌ବା । ସେନ୍ତା ଉପର୍‌ବେଲା ୪ ବଜେ ପହଣ୍ଡି ମୁଲ୍ ହେବା ବଲି ଶ୍ରୀମନ୍ଦିର୍ ପ୍ରଶାସନ୍ ତର୍‌ଫୁ ସୂଚ୍‌ନା ମିଲିଛେ । ନୀଳାଦ୍ରୀ ବିଜେ ସର୍‌ବାର୍ ଉତ୍‌ରୁ ମାହାପୁରୁଙ୍କର୍ ରଥଯାତ୍ରା ଶେଷ୍ ହେବା । ଆଏବା କାଏଲ୍‌ଠାନୁ ଭକ୍ତମାନେ ନୀଳାଚଳ ଅବଢ଼ା ପାଏବେ ।

ମୁଖ୍ୟମନ୍ତ୍ରୀ            ଆର୍‌ଏନ୍‌ୟୁ /ସମ୍ବଲପୁର

ଆଧୁନିକ ଓଡ଼ିଶା ଗଠନ୍ ଆଉ ଭାଷାଭିତିକ ରାଜ୍ୟ ଗଠନ୍ ଲାଗି ଉତ୍କଳ ଗୌରବ ମଧୁସୂଦନ ଦାସ୍‌ଙ୍କର୍ ଭୂମିକା ଅତୁଳନୀୟ ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ଯାଜ୍‌ପୁର୍ ଜିଲ୍ଲା ନିଶ୍ଚିନ୍ତକୋଇଲି ଅହମ୍ମଦ୍ ବକ୍ସ ସର୍‌କାରୀ ଉଚ୍ଚବିଦ୍ୟାଳୟର୍ ହୀରକ ଜୟନ୍ତୀ ସମାରୋହଥି ଉଦ୍‌ବୋଧନ୍ ଦେଇକରି ମୁଖ୍ୟମନ୍ତ୍ରୀ ଇଟା କହିଛନ୍ । ସେନ୍ତା ଇ ସମାରୋହଥି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ଯୋଗ୍ ଦେଇଥିଲେ । ଇ ଅବ୍‌ସରେ ସେ କହିଛନ୍ ଯେ, ଆଏବା ଦିନେ ଇ ବିଦ୍ୟାଳୟକେ ଗୁଟେ ଜ୍ଞାନ୍‌ର ପ୍ରୟୋଗ୍‌ଶାଳା କରାଯିବା । ଇ ଇଲାକାର୍ ପିଲାମାନେ ଗୁଟେ ବୈଭବଶାଳୀ ଓଡ଼ିଶା ଗଠନ୍‌ଥି ବଡ଼୍ ଭୂମିକା ନେବେ । କାର୍ଯ୍ୟକ୍ରମ୍‌ଥି ସାଂସଦ୍ ବୈଜୟନ୍ତ ପଣ୍ଡା, ଭର୍ତୃହରି ମହତାବ୍, ବିଧାୟକ୍ ଶାରଦା ପ୍ରଧାନ୍ ଯୋଗ୍ ଦେଇଥିଲେ ।

ବିଜେପିର୍ କାର୍ଯ୍ୟକାରିଣୀ ବୈଠକ୍        ଆର୍‌ଏନ୍‌ୟୁ
/ସମ୍ବଲପୁର

ରାଜ୍ୟ ବିଜେପିର୍ କାର୍ଯ୍ୟକାରିଣୀ ବୈଠକ୍ ଆଏଜ୍ ପୁରୀ ନ ହେବା । ବିଜେପି ରାଷ୍ଟ୍ରୀୟ ସଭାପତି ଜେ.ପି. ନଡ୍ଡା କାର୍ଯ୍ୟକାରିଣୀ ବୈଠକ୍କେ ଆଏଜ୍ ଉଦ୍‌ଘାଟନ୍ କର୍‌ବେ । ଇ ପରିବର୍ଦ୍ଧିତ ବୈଠକ୍ ୨ ଦିନ୍‌ତକ୍ ଚାଲ୍‌ବା । ବୈଠକ୍‌ଥି ସଂଗଠନ୍ ବାବ୍‌ଦେ ଆଲୋଚନା କରାଯିବା । ଇତାର୍‌ସହେତେ କେନ୍ଦ୍ର ଆଉ ରାଜ୍ୟ ସର୍‌କାର୍‌ଙ୍କର୍ ଭିନ୍ ଭିନ୍ ଜନକଲ୍ୟାଣ୍ କାର୍ଯ୍ୟକ୍ରମ୍ ବାବ୍‌ଦେ ଭିଲ୍ ଆଲୋଚନା ହେବା । ଇ ବୈଠକ୍‌ଥି କ୍ଷେତ୍ରୀୟ ପ୍ରଭାରୀ ସୁନୀଲ୍ ବଂଶଲ୍, ରାଜ୍ୟ ପ୍ରଭାରୀ ବିଜୟ ପାଲ୍ ସିଂ ତୋମାର୍ ଆଉ ରାଜ୍ୟ ସହପ୍ରଭାରୀ ସୁଶ୍ରୀ ଲତା ଉଷେଣ୍ଡି ଯୋଗ୍ ଦେବେ । ସେନ୍ତା ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍, ଜୁଏଲ୍ ଓରାମ୍ ଆର୍ ଅଶ୍ୱିନୀ ବୈଷ୍ଣବଙ୍କର୍ ସହେତେ ଦୁହି ଉପମୁଖ୍ୟମନ୍ତ୍ରୀ, ରାଜ୍ୟମନ୍ତ୍ରୀମଣ୍ଡଲ୍‌ର ସବୁ ସଦସ୍ୟ, ସାଂସଦ୍ ଆର୍ ବିଧାୟକ୍ ସାମିଲ୍ ହେବେ ।

ପଂଚାୟତିରାଜ୍ ମନ୍ତ୍ରୀ ଆର୍‌ଏନ୍‌ୟୁ / ସମ୍ବଲପୁର

ଡିଭିଜନ୍‌ସ୍ତର୍‌ନୁ ସବୁ ବିଭାଗୀୟ ଯନ୍ତ୍ରୀ ଆଉ ଅଧିକାରୀମାନେ ନିର୍ମାଣ୍ କାମ୍‌ର ଗୁଣାତ୍ମକ ମାନ ଉପ୍‌ରେ ଧ୍ୟାନ୍ ଦେବାର୍ ସହେତେ ଧାରିଜ୍ ସମିଆ ଭିତ୍‌ରେ କାମ୍ ସାର୍‌ବାର୍‌କେ ଗ୍ରାମ

ଉନ୍ନୟନ୍ ଆର୍ ପଂଚାୟତିରାଜ୍ ମନ୍ତ୍ରୀ ରବିନାରାୟଣ୍ ନାଏକ୍ ନିର୍ଦ୍ଦେଶ୍ ଦେଇଛନ୍ । ଭୁବ୍‌ନେଶ୍ୱର୍ ନ ଗ୍ରାମ୍ୟ ଉନ୍ନୟନ୍ ବିଭାଗ୍‌ର ଉନ୍ନୟନ୍ କାମ୍‌ର ସମୀକ୍ଷା କରିକରି ମନ୍ତ୍ରୀ ଶ୍ରୀ ନାଏକ୍ ଗ୍ରାମ୍ୟ ଉନ୍ନୟନ୍ ବିଭାଗ୍ ତର୍‌ଫୁ କରାଯାଉଥିବା ରାସ୍ତା ଆର୍ ପୋଲ୍ ତିଆରି ବାବ୍‌ଦେ ଆଲୋଚନା କରିଛନ୍ । ସେ କହିଛନ୍ ଯେ, ଇଟା ରାଜ୍ୟର୍ ନକ୍ସାକେ ବଦ୍‌ଲେଇ ପାର୍‌ବା । ଭିନ୍ ଭିନ୍ ବିଭାଗ୍ ସାଙ୍ଗେ ସମନ୍ୱୟ ରଖିକରି ଗ୍ରାମୀଣ୍ ଗ୍ରାମୀଣ୍ ବିକାଶ୍ ଲାଗି ତୃଣମୂଳ ସ୍ତର୍ ନୁ ଥିବା ନିର୍ଦ୍ଦିଷ୍ଟ ସମସ୍ୟାମାନ୍‌କର୍ ସମାଧାନ୍ ଲାଗି ସର୍ଜନାତ୍ମକ୍ ପ୍ରସ୍ତାବ୍ ଦେବାର୍‌କେ ପରାମର୍ଶ ଦେଇଥିଲେ । ଇତାର୍‌ସହେତେ ପି.ଏମ୍. ଜନମନ ଅଧୀନ୍‌ଥି ରାସ୍ତା ତିଆରି କାମ୍ ଉପ୍‌ରେ ଖାସ୍ ଜୋର୍ ଦିଆଯିବା ବଲି ମନ୍ତ୍ରୀ ଶ୍ରୀ ନାଏକ୍ କହିଥିଲେ ।

## ସିଙ୍ଗାପୁର୍ ହାଇକମିଶନର-ଉପମୁଖ୍ୟମନ୍ତ୍ରୀ

ଆର୍‌ଏନ୍‌ୟୁ /ସମ୍ବଲପୁର

ସିଙ୍ଗାପୁର୍ ହାଇକମିଶନର୍ ସାଇମନ୍ ୱାଙ୍ଗ୍ ଗଲାକାଏଲ୍ ଭୁବନେଶ୍ୱର୍‌ର ଲୋକସେବା ଭବନ୍ ନ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ୍ ସିଂହଦେଓଙ୍କୁ ଭେଟିକରି ଓଡ଼ିଶାର୍ ବିକାଶ୍ ବାବ୍‌ଦେ

ଆଲୋଚନା କରିଛନ୍ । ପୁଞ୍ଜିନିବେଶ୍ ଆକୃଷ୍ଟ୍ କର୍‌ବାର୍ ଆର୍ ଅର୍ଥନୈତିକ୍ ସହଯୋଗ୍ ବଢ଼ାବାର୍ ଲାଗି ଓଡ଼ିଶା ସିଙ୍ଗାପୁର୍ ସାଙ୍ଗେ ସକ୍ରିୟ ଯୋଗାଯୋଗ ରଖିଛେ ବଲି ଶ୍ରୀ ସିଂହଦେଓ କହିଛନ୍ । ଓଡ଼ିଶା ନ ବହୁତ୍‌ଟେ ବୌଦ୍ଧକିର୍ତିରାଜି ଆର୍ ଲମ୍ବା ସମୁଦ୍ରଖଁଡ଼ି ରହିଥିବାର୍‌ନୁ ଇ କ୍ଷେତ୍ର ନ ସିଙ୍ଗାପୁର୍ ସର୍‌କାର୍ ନିବେଶ୍ କର୍‌ବାର୍‌କେ ଶ୍ରୀ ସିଂହଦେଓ ପ୍ରସ୍ତାବ୍ ଦେଇଥିଲେ ।

ବଜେଟ୍        ଆର୍‌ଏନ୍‌ୟୁ / ସମ୍ବଲପୁର

୧୭ ନମ୍ବର୍ ବିଧାନ୍‌ସଭାର୍ ବଜେଟ୍ ଅଧିବେଶନ୍ ଆଏବା ୨୨ ତାରିଖ୍‌ନୁ ମୁଲ୍ ହେଉଛେ । ଆଏବା ୨୫ ତାରିଖ୍ ଦିନ ଗୃହ ନ ସର୍‌କାର୍ ୨୦୨୪-୨୫ ଆର୍ଥିକ୍ ବଛର୍‌ର ବଜେଟ୍ ଆନ୍‌ବେ । ଜୁଲାଇ ୩୦ ତାରିଖ୍ ଦିନ ଲେଖାନୁଦାନ୍ ପ୍ରସ୍ତାବ୍ ଆଗତ୍ ହେବା ଆଉ ଜୁଲାଇ ୩୧ ତାରିଖ୍ ଦିନ ଲେଖାନୁଦାନ୍ ଉପ୍‌ରେ ବ୍ୟୟମଞ୍ଜୁରୀ ବିଲ୍ ବିଧାନ୍‌ସଭା ନ ଆଗତ୍ କରାଯିବା ବଲି ସୂଚ୍‌ନା ମିଲିଛେ । ସେଆଡ଼େ ୨୦୨୪-୨୫ ଆର୍ଥିକ୍ ବଛର୍ ଲାଗି ବଜେଟ୍ ଚିଠାକେ ମନ୍ତ୍ରୀ ପରିଷଦ୍‌ର ଅନୁମୋଦନ୍ ମିଲିଛେ ।

ରୂପା ରୋଶନ୍ ସାହୁ-ବଦ୍‌ଲି        ଆର୍‌ଏନ୍‌ୟୁ / ସମ୍ବଲପୁର

ମୁଖ୍ୟମନ୍ତ୍ରୀଙ୍କର୍ କାର୍ଯ୍ୟାଳୟ ନ ସ୍ୱତନ୍ତ୍ର ସଚିବ ଭାବେ କାମ୍ କରୁଥିବା ଭାରତୀୟ ପ୍ରଶାସନିକ ସେବା ଆଇଆଇଏସ୍ ଅଧିକାରୀ ରୂପା ରୋଶନ୍ ସାହୁଙ୍କର୍ ବଦ୍ଲି କରାଯାଇଛେ । ଶ୍ରୀମତୀ ସାହୁଙ୍କୁ ଅନୁସୂଚିତ ଜାତି ଆଉ ଜନଜାତି ବିଭାଗ୍ର ସଚିବ ଭାବେ ନିଯୁକ୍ତି ଦିଆଯାଇଛେ ବଲି ରାଜ୍ୟ ସର୍କାର୍ଙ୍କର୍ ତର୍ଫୁ ବିଜ୍ଞପ୍ତି ବାହରିଛେ ।

ଦିବ୍ୟାଙ୍ଗ- ଇ ରିକ୍ସା ଆର୍ଏନ୍ୟୁ /ସମ୍ବଲପୁର

ସମ୍ବଲ୍ପୁର୍ ଜିଲ୍ଲାର୍ ବୈଜାମୁଣ୍ଡା ନ ଥିବା ସମନ୍ୱିତ ଭିତିଭୂମି ପରିସର୍ ନ ଜିଲ୍ଲା ପ୍ରଶାସନ୍ ଆଉ ଏମ୍ସିଏଲ୍ ତର୍ଫୁ ୧୫ ଝନ୍ ଦିବ୍ୟାଙ୍ଗଙ୍କୁ ଇ-ରିକ୍ସା ବଁଟାଯାଇଛେ । ସମ୍ବଲ୍ପୁର୍ ଜିଲ୍ଲାପାଲ୍ ଅକ୍ଷୟ ସୁନୀଲ୍ ଅଗ୍ରୱାଲ୍ ଇଥି ଯୋଗ୍ ଦେଇକରି ଦିବ୍ୟାଙ୍ଗମାନେ ନିଜ୍କେ ଆତ୍ମନିର୍ଭରଶୀଳ କର୍ବାର୍ଥି ଇ-ରିକ୍ସାର ଚାଲ୍ବାର୍ଟା ଗୁଟେ ସମୟ ଉପଯୋଗୀ ପଦକ୍ଷେପ୍ ବଲି କହିଥିଲେ । ଇ ଅବ୍ସରେ ଜିଲ୍ଲା ପ୍ରଶାସନ୍ ତର୍ଫୁ ଶହେ ଟା ହ୍ୱିଲ୍ ଚେୟାର୍ ଭିଲ୍ ଦିଆଯାଇଥିଲା ।

ଜିଲ୍ଲା ପରିଷଦ୍ ବୈଠକ୍ ଆର୍ଏନ୍ୟୁ /ସମ୍ବଲପୁର

ବର୍ଗଡ୍ ଜିଲ୍ଲା ପରିଷଦ୍ ସମ୍ମିଳନୀ କକ୍ଷ ନ ଜିଲ୍ଲା ପରିଷଦ୍ ବୈଠକ୍ ହେଇଯାଇଛେ । ବର୍ଗଡ୍ ସାଂସଦ୍ ପ୍ରଦୀପ୍ ପୁରୋହିତଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ଇ ବୈଠକ୍ଥି ଜିଲ୍ଲା ନ କୃଷି, ସ୍ୱାସ୍ଥ୍ୟ, ମହିଳା ଆଉ ଶିଶୁ ବିକାଶ୍, ବିଦ୍ୟୁତ୍ ଯୋଗାଣ ଗ୍ରାମୀଣ ବିକାଶ୍, ଜଙ୍ଗଲ, ଯୋଗାଣ ଆଉ ଖାଉଟି କଲ୍ୟାଣ୍, ଜଲ୍ଯୋଗାଣ ଆଉ ଜଲ୍ସେଚନ୍ ବିଭାଗ୍ର ଅଗ୍ରଗତି ବାବ୍ଦେ ସମୀକ୍ଷା କରାଯାଇଥିଲା ।

ପାଣିପାଗ ଆର୍ଏନ୍ୟୁ /ସମ୍ବଲପୁର

ଲଘୁଚାପ୍ ପ୍ରଭାବ୍ଥି ଆଏବା ୪ ଦିନ୍ତକ୍ ରାଏଜେ ଜବର୍ ବର୍ଷା ହେଇପାରେ ବଲି ଆଂଚଲିକ୍ ପାଣିପାଗ ବିଜ୍ଞାନ୍ କେନ୍ଦ୍ର ଭୁବ୍ନେଶ୍ୱର୍ ତର୍ଫୁ ସୂଚ୍ନା ମିଳିଛେ । କେନ୍ଦ୍ରୀୟ ଆଉ ତାର୍ ଆଖର୍ପାଖର୍ ଉତର୍ବଙ୍ଗୋପ୍ସାଗର୍ ନ ଥିବାର୍ ଲଘୁଚାପ୍ ଦକ୍ଷିଣ ପର୍ଶ୍ଚିମ୍କେ ଢଳିକରି ଅଛେ । ଇଟା ଆହୁରି ଘନୀଭୂତ ହେବାର୍ ସହେତେ ଉତର୍ ପର୍ଶ୍ଚିମ ଦିଗେ ଗତିକରିକରି ଓଡ଼ିଶାକେ ଆସ୍ବା । ଇତାର୍ପ୍ରଭାବ୍ଥି ରାଏଜେ ବର୍ଷା ବଢ଼୍ବା ।